ପ୍ରେସ୍ ନୋଟ୍

# ଜିଲ୍ଲା ସଡକ ସୁରକ୍ଷା କମିଟି  ବୈଠକ ।

ଅନୁଗୋଳ :- ତା.୨୨.୦୬:- ଜିଲ୍ଲା ସଡକ ସୁରକ୍ଷା କମିଟିର ଏକ ବୈଠକ ଆଜି ଅପରାହ୍ନରେ ଜିଲ୍ଲା କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ ଠାରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ସନ୍ତୋଷ କୁମାର ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ପ୍ରଥମେ ଅନୁଗୋଳ ଆଂଚଳିକ ପରିବହନ ଅଧିକାରୀ ଶ୍ରୀ ନିଖିଳ କୁମାର ପଟ୍ଟନାୟକ ସ୍ୱାଗତ ଭାଷଣ ଦେଇଥିଲେ । କନିଷ୍ଠ ମୋଟର ଯାନ ନିରୀକ୍ଷକ ଶ୍ରୀ ଦିବ୍ୟଜ୍ୟୋତି ମହନ୍ତ ପାୱାର ପଏଣ୍ଟ ମାଧ୍ୟମରେ ଗତ ମଇ ମାସରେ ଜିଲ୍ଲା ସଦର ମହକୁମା ଏବଂ ଉପଖଣ୍ଡରେ ହୋଇଥିବା ବିଭିନ୍ନ ଦୁର୍ଘଟଣା,ମୃତ୍ୟୁହାର, କ୍ଷୟକ୍ଷତି ଏବଂ କ୍ଷତିପୂରଣ ସମ୍ପର୍କରେ ବିସ୍ତୃତ ଭାବରେ ବୁଝାଇଥିଲେ । ଏହି ବୈଠକରେ ବଅଁରପାଳ ଛକର ଦୁରବସ୍ଥାକୁ ତୁରନ୍ତ ମରାମତି ଓ ଆଲୋକିକରଣ କରାଯିବା ସହିତ ବର୍ଷା ଦିନ ପୂର୍ବରୁ ବଅଁରପାଳ ଠାରୁ ଅନୁଗୋଳ ପର୍ଯ୍ୟନ୍ତ ମୁଖ୍ୟ ରାସ୍ତାର ଉଭୟ ପାର୍ଶ୍ୱକୁ ମରାମତି ପାଇଁ ଜାତୀୟ ରାଜପଥ ପ୍ରାଧିକରଣ ଅଧିକାରୀଂକୁ ନିର୍ଦ୍ଦେଶ ଦିଆଯାଇଥିଲା । ଏଥି ସମେତ ଶକ୍ତି କଣ୍ଟିନେଣ୍ଟାଲ ସମ୍ମୁଖରେ ଥିବା ହମ୍ପସ୍‌ଗୁଡିକ ସଜାଡିବା, ମୁଖ୍ୟ ରାସ୍ତାରେ ଯାତାୟତ କରୁଥିବା ଗାଡି ଏବଂ ନୂତନ ବସଷ୍ଟାଣ୍ଡ ପଟୁ ଆସୁଥିବା ଗାଡିଗୁଡିକ ଯୋଗୁଁ କଳ୍ପତରୁ ହୋଟେଲ ଆଗକୁ ଥିବା ବ୍ରିଜ ନିକଟରେ ଦୁର୍ଘଟଣା ସମ୍ଭାବନାକୁ ଦୃଷ୍ଟିରେ ରଖି ଏହାକୁ ତୁରନ୍ତ ସମ୍ପ୍ରସାରଣ କରାଯିବା ପାଇଁ ପ୍ରସ୍ତାବ ଗ୍ରହଣ କରାଗଲା । ବିଭିନ୍ନ ଛକ ଯାଗା ମାନଂକରେ ସାଂକେତିକ ଚିହ୍ନ,ସିଗ୍‌ନାଲ ଇତ୍ୟାଦି ଠିକ୍ କରିବା ପାଇଁ ବୈଠକରେ ଗୁରୁତ୍ୱାରୋପ କରାଯାଇଥିଲା । ଖମାର ସ୍ଥିତ ବାରିକେଟର ମରାମତି,କଣ୍ଟିଆପଶି ଠାରେ ଡିଭାଇଡରରେ ପୁନଃ ରଙ୍ଗ ଲଗାଇବା ତଥା ବର୍ଷା ଦିନ ପୂର୍ବରୁ ସମସ୍ତ ଖରାପ ରାସ୍ତାକୁ ମରାମତି କରି ନିୟମିତ ତଦାରଖ କରିବା ପାଇଁ ନିଷ୍ପତ୍ତି ଗ୍ରହଣ କରାଗଲା । ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡା. ତ୍ରିଲୋଚନ ପ୍ରଧାନ, ଉପଖଣ୍ଡ ଆରକ୍ଷୀ ଅଧିକାରୀ ଶ୍ରୀମତୀ ସୌଭାଗ୍ୟଲକ୍ଷ୍ମୀ ପଟ୍ଟନାୟକ, ବସ ଓ ଟ୍ରକ ଆସୋସିଏସନର ସଭାପତି ଏବଂ ବିଭାଗୀୟ କର୍ମଚାରୀମାନେ ଉପସ୍ଥିତ ଥିଲେ ।

OPPO Reno7 5G
2023.06.22 20:37


ANGUL


ANGUL
OPPO Reno7 5G
2023.06.22 17:08


ANGUL